# ମାଟିଆଗୁଣ୍ଡି ପୋକର ପରିଚାଳନା

## କ'ଣ କରିବେ ?

୧) ଆଖପାଖ ଅଞ୍ଚଳରେ ଧାନ ଫସଲରେ ମାଟିଆଗୁଣ୍ଡି ପୋକ ଦେଖାଦେଲେ କିଆରୀରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ଓ ଦରକାର ପଡ଼ିଲେ କିଆରୀରେ ପୁନର୍ବାର ଜଳସେଚନ ବ୍ୟବସ୍ଥା କରନ୍ତୁ।

୨) ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ପାହି ତିଆରି କରି ଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ସୂର୍ଯ୍ୟ ଆଲୋକ ଓ ବାୟୁ ଚଳାଚଳ ସହଜ ହେବା ସହିତ କୀଟନାଶକ ପ୍ରୟୋଗ କରିବାରେ ସୁବିଧା ହୋଇଥାଏ।

୩) ଅନୁମୋଦିତ ଓ ଆବଶ୍ୟକୀୟ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ।

୪) ହସ୍ତଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ଏକର ପ୍ରତି ୨୦୦ ଲିଟର କୀଟନାଶକ ଦ୍ରବଣ ଓ ଶକ୍ତିଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ଏକର ପ୍ରତି ୬୦-୭୦ ଲିଟର ଅନୁମୋଦିତ କୀଟନାଶକ ଦ୍ରବଣ ସିଞ୍ଚନ କରନ୍ତୁ।

୫) ସିଞ୍ଚନ ସମୟରେ ସ୍ପ୍ରେୟର ନୋଜୋଲକୁ ବୁଦା ମୂଳକୁ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।

୬) ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ।

୭) କୀଟନାଶକ ପ୍ରୟୋଗ ସମୟରେ ଆବଶ୍ୟକୀୟ ସତର୍କତା ବିଧି ଅବଲମ୍ବନ କରନ୍ତୁ।

## କ'ଣ କରିବେ ନାହିଁ ?

୧) ମାଟିଆଗୁଣ୍ଡି ପୋକ ସଂକ୍ରମଣ ହୋଇଥିଲେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ।

୨) ଗୋଟିଏ କୀଟନାଶକକୁ ବାରମ୍ବାର ବ୍ୟବହାର କରନ୍ତୁ ନାହିଁ।

୩) ସିନ୍ଥେଟିକ୍ ପାଇରିଥ୍ରଏଡ୍ (ସାଇପରମେଥ୍ରୀନ୍, ଡେଲ୍ଟାମେଥ୍ରୀନ), କ୍ଲୋରୋପାଇରିଫସ୍, କ୍ୱିଇନାଲଫସ୍, ମିଥାଇଲ୍ ପାରାଥିଅନ୍ ଆଦି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ। ଏହି ଜାତୀୟ ବିଷର ପ୍ରୟୋଗରେ, ମାଟିଆଗୁଣ୍ଡି ପୋକର ବଂଶର ପୁନଃରୁତ୍ଥାନ ହୋଇଥାଏ ଫଳରେ ଧାନ ଫସଲର ବିଶେଷ କ୍ଷତି ସାଧନ କରିଥାଏ।

୪) ଧାନ ଅମଳ ଉପଯୋଗୀ ହୋଇଥିଲେ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ।

୫) ଏକାଧିକ କୀଟନାଶକକୁ ମିଶ୍ରଣ କରି ପ୍ରୟୋଗ କରନ୍ତୁ ନାହିଁ।

୬) ବିନା ଅନୁମୋଦିତ କୀଟନାଶକ କୌଣସିମତେ ପ୍ରୟୋଗ କରନ୍ତୁ ନାହିଁ।

ଖରିଫ୍ ଧାନ ଚାଷରେ ସାଧାରଣତଃ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ଓ ଡାଲୁଅ ଧାନ ଚାଷରେ ଏପ୍ରିଲ ରୁ ମଇ ମାସ ମଧ୍ୟରେ ମାଟିଆଗୁଣ୍ଡି ପୋକର ପାଦୁର୍ଭାବ ଦେଖାଯାଇଥାଏ। ପରିବେଶର ତାପମାତ୍ରା ୨୮° ରୁ ୩୦° ସେଲସିୟସ୍ ରୁ ଅଧିକ ରହିଥିବା ସମୟରେ, ମଧ୍ୟମ ଧରଣର ବର୍ଷା କିମ୍ବା ପରିବେଶର ଆର୍ଦ୍ରତା ଅଧିକ ରହିଲେ ଏ ପୋକର ବଂଶବୃଦ୍ଧି ଅଧିକ ଦେଖାଯାଏ। ଏହି ସମୟରେ ଅଧିକ ପବନ ହେଲେ ଆକ୍ରାନ୍ତ ବିଲରୁ ଅନ୍ୟ ବିଲଗୁଡ଼ିକୁ ମାଟିଆଗୁଣ୍ଡି ପୋକ ସହଜରେ ସ୍ଥାନାନ୍ତରିତ ହୋଇଥାଏ।

## ଚିହ୍ନଟ ଲକ୍ଷଣ

ପୂର୍ଣ୍ଣାଙ୍ଗ କୀଟଗୁଡ଼ିକ ମାଟିଆ ରଙ୍ଗର, ଛୋଟ କିମ୍ବା ଲମ୍ବା ଡେଣିଆ ହୋଇଥାଆନ୍ତି। କୀଟର ଅର୍ଭକଗୁଡ଼ିକର ରଙ୍ଗ ମଧ୍ୟ ମାଟିଆ ହୋଇଥାଏ। ଉଭୟ ପୂର୍ଣ୍ଣାଙ୍ଗ ଓ ଅର୍ଭକ କୀଟଗୁଡ଼ିକ ସାଧାରଣତଃ ଧାନବୁଦାର ମୂଳ ଭାଗରେ ମେଞ୍ଚା ମେଞ୍ଚା ହୋଇ ଲାଗି ରହିଥାନ୍ତି।

## କ୍ଷତିର ଲକ୍ଷଣ

ଅର୍ଭକ ଓ ପୂର୍ଣ୍ଣାଙ୍ଗ ମାଟିଆଗୁଣ୍ଡି ପୋକ ଧାନ ଗଛରୁ ରସ ଶୋଷି ଖାଆନ୍ତି। ସାଧାରଣତଃ ଏହି କୀଟର ସଂକ୍ରମଣ ଧାନ କିଆରୀର ମଧ୍ୟ ଭାଗରୁ ଆରମ୍ଭ ହୋଇଥାଏ। ଏହି ପୋକ ଦ୍ୱାରା ଆକ୍ରାନ୍ତ ଧାନ ଗଛର ପତ୍ରଗୁଡ଼ିକ ହଳଦିଆ ହୋଇଯାଏ। ଗଛ ଉପରେ ଏହି ପୋକ ଗୁଡ଼ିକ ମଧୁ ଶିଶିର ତ୍ୟାଗ କରନ୍ତି ଓ ଧାନ ଗଛ ମୂଳରୁ ରସ ଶୋଷି ଖାଇଯାଆନ୍ତି, ଅଧିକ ଆକ୍ରାନ୍ତ ଅବସ୍ଥାରେ ଧାନ ଗଛଗୁଡ଼ିକ ଶୁଖି ମରିଯାଏ ଏବଂ ଧାନ କେଣ୍ଡାମାନ ନଷ୍ଟ ହୋଇଯାଇଥାଏ। କିଆରୀରେ ଧାନ ଗଛ ଗୁଡ଼ିକ ଏହିଭଳି ଭାବରେ ଚକଡ଼ା ଚକଡ଼ା ହୋଇ ମରିଯାଏ। ଏହାକୁ **ଗୁଣ୍ଡି ଜ୍ୱଳନ (Hopper burn)** କୁହାଯାଏ। କ୍ରମେ କ୍ରମେ ଏହି ପୋକ ଧାନ କିଆରୀର ମଧ୍ୟ ଅଂଶରୁ ହିଡ଼ ପର୍ଯ୍ୟନ୍ତ ମାଡ଼ି ଆସେ ଓ ଦୂରରୁ ସମୁଦାୟ କିଆରୀଟି ପୋଡ଼ିଗଲା ଭଳି ଦେଖାଯାଏ।

ଧାନ କିଆରୀରେ ମାଟିଆଗୁଣ୍ଡି ପୋକର ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ଗଛର ମୂଳ ଭାଗରେ ନିମ୍ନଲିଖିତ କୀଟନାଶକ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ।

| କୀଟନାଶକର ନାମ | ଏକର ପ୍ରତି ମାତ୍ରା |
|---|---|
| ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. | ୬୦ ଗ୍ରାମ୍ |
| ପାଇମୋଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୧୨୦ ଗ୍ରାମ୍ |
| ଡାଇନୋଟିଫ୍ୟୁରନ୍ ୨୦% ଏସ୍.ଜି. | ୮୦ ଗ୍ରାମ୍ |
| ଇମିଡାକ୍ଲୋପ୍ରିଡ୍ ୧୭.୮%ଏସ୍.ଏଲ୍. | ୬୦ମି.ଲି. |
| ଟ୍ରାଇଫ୍ଲୁମେଜୋପାଇରିନ ୧୦%ଏସ୍.ସି. | ୧୦୦ମି.ଲି. |
| ଏଥିପ୍ରୋଲ ୪୦% + ଇମିଡାକ୍ଲୋପ୍ରିଡ୍ ୪୦% ଡବ୍ଲୁ.ଜି. | ୪୦ ଗ୍ରାମ୍ |
| ବୁପ୍ରୋଫେଜିନ ୨୨% + ଫିପ୍ରୋନୀଲ ୩% ଏସ୍.ସି. | ୨୦୦ମି.ଲି. |
| ଫିପ୍ରୋନିଲ ୦.୦୪%+ଥାୟୋମେଥୋକ୍ସାମ ୪%ଏସ୍.ସି. | ୪୪୦ମି.ଲି. |
| ଇମିଡାକ୍ଲୋପ୍ରିଡ ୦.୦୬%+ଲମ୍ବଡ଼ା ସାଇହାଲୋଥ୍ରୀନ୍୦.୦୪%ଏସ୍.ସି. | ୩୦୦ମି.ଲି. |



# ମାଟିଆଗୁଣ୍ଡି ପୋକର
# ପରିଚାଳନା



ଖରିଫ୍ ଧାନରେ ସାଧାରଣତଃ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ଓ ଡାଲୁଆ ଧାନ ଚାଷରେ ଏପ୍ରିଲ ରୁ ମଇ ମାସ ମଧ୍ୟରେ ମାଟିଆଗୁଣ୍ଡି ପୋକର ପାଦୁର୍ଭାବ ଦେଖାଯାଇଥାଏ । ପରିବେଶର ତାପମାତ୍ରା ୨୮° ରୁ ୩୦° ସେଲସିୟସ୍ ରୁ ଅଧିକ ରହିଥିବା ସମୟରେ, ମଧ୍ୟମ ଧରଣର ବର୍ଷା କିମ୍ବା ପରିବେଶର ଆର୍ଦ୍ରତା ଅଧିକ ରହିଲେ ଏ ପୋକର ବଂଶବୃଦ୍ଧି ଅଧିକ ଦେଖାଯାଏ । ଏହି ସମୟରେ ଅଧିକ ପବନ ହେଲେ ଆକ୍ରାନ୍ତ ବିଲରୁ ଅନ୍ୟ ବିଲଗୁଡ଼ିକୁ ମାଟିଆଗୁଣ୍ଡି ପୋକ ସହଜରେ ସ୍ଥାନାନ୍ତରିତ ହୋଇଥାଏ ।

## ଚିହ୍ନଟ ଲକ୍ଷଣ

ପୂର୍ଣ୍ଣାଙ୍ଗ କୀଟଗୁଡ଼ିକ ମାଟିଆ ରଙ୍ଗର, ଛୋଟ କିମ୍ବା ଲମ୍ବା ଡେଣିଆ ହୋଇଥାଆନ୍ତି । କୀଟର ଅର୍ଭକଗୁଡ଼ିକର ରଙ୍ଗ ମଧ୍ୟ ମାଟିଆ ହୋଇଥାଏ । ଉଭୟ ପୂର୍ଣ୍ଣାଙ୍ଗ ଓ ଅର୍ଭକ କୀଟଗୁଡ଼ିକ ସାଧାରଣତଃ ଧାନବୁଦାର ମୂଳ ଭାଗରେ ମେଞ୍ଚା ମେଞ୍ଚା ହୋଇ ଲାଗି ରହିଥାନ୍ତି ।

## କ୍ଷତିର ଲକ୍ଷଣ

ଅର୍ଭକ ଓ ପୂର୍ଣ୍ଣାଙ୍ଗ ମାଟିଆଗୁଣ୍ଡି ପୋକ ଧାନ ଗଛରୁ ରସ ଶୋଷି ଖାଆନ୍ତି । ସାଧାରଣତଃ ଏହି କୀଟର ସଂକ୍ରମଣ ଧାନ କିଆରୀର ମଧ୍ୟ ଭାଗରୁ ଆରମ୍ଭ ହୋଇଥାଏ । ଏହି ପୋକ ଦ୍ୱାରା ଆକ୍ରାନ୍ତ ଧାନ ଗଛର ପତ୍ରଗୁଡ଼ିକ ହଳଦିଆ ହୋଇଯାଏ । ଗଛ ଉପରେ ଏହି ପୋକ ଗୁଡ଼ିକ ମଧୁ ଶିଶିର ତ୍ୟାଗ କରନ୍ତି ଓ ଧାନ ଗଛ ମୂଳରୁ ରସ ଶୋଷି ଖାଇଯାଆନ୍ତି, ଅଧିକ ଆକ୍ରାନ୍ତ ଅବସ୍ଥାରେ ଧାନ ଗଛଗୁଡ଼ିକ ଶୁଖି ମରିଯାଏ ଏବଂ ଧାନ କେଣ୍ଡାମାନ ନଷ୍ଟ ହୋଇଯାଇଥାଏ । କିଆରୀରେ ଧାନ ଗଛ ଗୁଡ଼ିକ ଏହିଭଳି ଭାବରେ ଚକଡ଼ା ଚକଡ଼ା ହୋଇ ମରିଯାଏ । ଏହାକୁ **ଗୁଣ୍ଡି ଜ୍ୱଳନ** (Hopper burn) କୁହାଯାଏ । କ୍ରମେ କ୍ରମେ ଏହି ପୋକ ଧାନ କିଆରୀର ମଧ୍ୟ ଅଂଶରୁ ହିଡ଼ ପର୍ଯ୍ୟନ୍ତ ମାଡ଼ି ଆସେ ଓ ଦୂରରୁ ସମୁଦାୟ କିଆରୀଟି ପୋଡ଼ିଗଲା ଭଳି ଦେଖାଯାଏ ।

## କ'ଣ କରିବେ ନାହିଁ ?

୧) ମାଟିଆଗୁଣ୍ଡି ପୋକ ସଂକ୍ରମଣ ହୋଇଥିଲେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ।

୨) ଗୋଟିଏ କୀଟନାଶକକୁ ବାରମ୍ବାର ବ୍ୟବହାର କରନ୍ତୁ ନାହିଁ ।

୩) ସିନ୍ଥେଟିକ୍ ପାଇରିଥ୍ରଏଡ୍ (ସାଇପରମେଥ୍ରୀନ୍, ଡେଲ୍ଟାମେଥ୍ରୀନ), କ୍ଲୋରୋପାଇରିଫସ୍, କ୍ୱିଇନାଲଫସ୍, ମିଥାଇଲ୍ ପାରାଥିଅନ୍ ଆଦି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହି ଜାତୀୟ ବିଷର ପ୍ରୟୋଗରେ, ମାଟିଆଗୁଣ୍ଡି ପୋକର ବଂଶର ପୁନଃରୁଥାନ ହୋଇଥାଏ ଫଳରେ ଧାନ ଫସଲର ବିଶେଷ କ୍ଷତି ସାଧନ କରିଥାଏ ।

୪) ଧାନ ଅମଳ ଉପଯୋଗୀ ହୋଇଥିଲେ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ ।

୫) ଏକାଧିକ କୀଟନାଶକକୁ ମିଶ୍ରଣ କରି ପ୍ରୟୋଗ କରନ୍ତୁ ନାହିଁ ।

୬) ବିନା ଅନୁମୋଦିତ କୀଟନାଶକ କୌଣସିମତେ ପ୍ରୟୋଗ କରନ୍ତୁ ନାହିଁ ।

## କ'ଣ କରିବେ ?

୧) ଆଖପାଖ ଅଞ୍ଚଳରେ ଧାନ ଫସଲରେ ମାଟିଆଗୁଣ୍ଡି ପୋକ ଦେଖାଦେଲେ କିଆରୀରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ଓ ଦରକାର ପଡ଼ିଲେ କିଆରୀରେ ପୁନର୍ବାର ଜଳସେଚନ ବ୍ୟବସ୍ଥା କରନ୍ତୁ ।

୨) ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ପାହି ତିଆରି କରି ଦିଅନ୍ତୁ । ଏହାଦ୍ୱାରା ବୁଦା ମୂଳକୁ ସୂର୍ଯ୍ୟ ଆଲୋକ ଓ ବାୟୁ ଚଳାଚଳ ସହଜ ହେବା ସହିତ କୀଟନାଶକ ପ୍ରୟୋଗ କରିବାରେ ସୁବିଧା ହୋଇଥାଏ ।

୩) ଅନୁମୋଦିତ ଓ ଆବଶ୍ୟକୀୟ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ ।

୪) ହସ୍ତଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ଏକର ପ୍ରତି ୨୦୦ ଲିଟର କୀଟନାଶକ ଦ୍ରବଣ ଓ ଶକ୍ତିଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ଏକର ପ୍ରତି ୬୦-୭୦ ଲିଟର ଅନୁମୋଦିତ କୀଟନାଶକ ଦ୍ରବଣ ସିଞ୍ଚନ କରନ୍ତୁ ।

୫) ସିଞ୍ଚନ ସମୟରେ ସ୍ପ୍ରେୟର ନୋଜୋଲକୁ ବୁଦା ମୂଳକୁ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ ।

୬) ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ ।

୭) କୀଟନାଶକ ପ୍ରୟୋଗ ସମୟରେ ଆବଶ୍ୟକୀୟ ସତର୍କତା ବିଧି ଅବଲମ୍ବନ କରନ୍ତୁ ।

**ଧାନ କିଆରୀରେ ମାଟିଆଗୁଣ୍ଡି ପୋକର ପ୍ରାଦୁର୍ଭାବରୁ ରକ୍ଷା କରିବା ପାଇଁ ଗଛର ମୂଳ ଭାଗରେ ନିମ୍ନଲିଖିତ କୀଟନାଶକ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ ।**

| କୀଟନାଶକର ନାମ | ଏକର ପ୍ରତି ମାତ୍ରା |
|---|---|
| ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. | ୬୦ ଗ୍ରାମ୍ |
| ପାଇମୋଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୧୨୦ ଗ୍ରାମ୍ |
| ଇମିଡାକ୍ଲୋପ୍ରିଡ୍ ୧୭.୮%ଏସ୍.ଏଲ୍. | ୬୦ମି.ଲି. |
| ଟ୍ରାଇଫ୍ଲୁମେଜୋପାଇରିନ ୧୦%ଏସ୍.ସି. | ୧୦୦ମି.ଲି. |
| ଡାଇନୋଟେଫ୍ୟୁରାନ୍ ୧୫% + ପାଇମେଟ୍ରୋଜିନ୍ ୪୫% ଡବ୍ଲୁ.ଜି. | ୧୩୫ ଗ୍ରାମ୍ |
| ଏଥିପ୍ରୋଲ ୪୦% + ଇମିଡାକ୍ଲୋପ୍ରିଡ୍ ୪୦% ଡବ୍ଲୁ.ଜି. | ୪୦ ଗ୍ରାମ୍ |
| ବୁପ୍ରୋଫେଜିନ ୨୨% + ଫିପ୍ରୋନୀଲ ୩% ଏସ୍.ସି. | ୨୦୦ମି.ଲି. |
| ଫିପ୍ରୋନିଲ ୦.୦୪%+ଥାୟୋମେଥୋକ୍ସାମ ୪%ଏସ୍.ସି. | ୪୪୦ମି.ଲି. |
| ଇମିଡାକ୍ଲୋପ୍ରିଡ ୦.୦୬%+ଲମ୍ବଡ଼ା ସାଇହାଲୋଥ୍ରୀନ୍୦.୦୪%ଏସ୍.ସି. | ୩୦୦ମି.ଲି. |

ଅଧିକ ଜାଣିବା ପାଇଁ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା

**କୃଷି ସମୃଦ୍ଧି ହେଲ୍ପ ଲାଇନ୍ ନମ୍ବର ୧୫୫୩୩୩**

ଦେୟମୁକ୍ତ ଦୂରଭାଷ ନମ୍ବରରେ ଯୋଗାଯୋଗ କରନ୍ତୁ ।

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା**